# NATIONAL NEWS BULLETIN (ODIA)

## 1 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଚିଲି ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।

– ବିପର୍ଯ୍ୟୟ ପରିଚାଳନା ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ସହଭାଗିତା ନେଇ ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।

- କୃଷକଙ୍କ କଲ୍ୟାଣ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ରାଜ୍ୟସଭାରେ  କହିଲେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ।
- ଓଡ଼ିଶା ଆଜି ପାଳନ କରିଛି ୯୦ତମ ପ୍ରତିଷ୍ଠା ଦିବସ ।
- ଭାରତ-ଜାପାନ ତୃତୀୟ ମହାକାଶ କ୍ଷେତ୍ର ସମ୍ପର୍କିତ ଆଲୋଚନା ଟୋକିଓ ଠାରେ ଅନୁଷ୍ଠିତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ପଞ୍ଜାବ କିଙ୍ଗସ୍ ।

# ଚିଲି ରାଷ୍ଟ୍ରପତି

ବିପର୍ଯ୍ୟୟ ପରିଚାଳନା ଏବଂ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ସହଭାଗିତା ନେଇ ଭାରତ ଓ ଚିଲି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଣ୍ଟାର୍କ୍‌ଟିକା ସହଯୋଗ ପାଇଁ ଉଭୟ ପକ୍ଷ ସହମତି ପ୍ରଦାନ କରିଥିବା ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଚିଲି ରାଷ୍ଟ୍ରପତି ଗାର୍ବିୟେଲ୍ ବୋରିକ୍ ଫଣ୍ଟଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ତାଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ଏକ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦଶନ୍ଧିରେ ବିଭିନ୍ନ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ନୂତନ ମାର୍ଗ ଚିହ୍ନଟ ହୋଇଛି । ପାରସ୍ପରିକ ଲାଭଦାୟକ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ନେଇ ଭାଗିଦାରୀ ବୁଝାମଣାପତ୍ର ସ୍ୱାକ୍ଷରିତ କରିବା ଲକ୍ଷ୍ୟରେ ଉଭୟ ପକ୍ଷ ଆଲୋଚନା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

**V/O-PM---PARTNERSHIP**

ପ୍ରଧାନମନ୍ତ୍ରୀ କହିଛନ୍ତି, ଚିଲିର ଜନସାଧାରଣ ଯୋଗକୁ ଏକ ସୁସ୍ଥ ଜୀବନଶୈଳୀର ମାର୍ଗ ଭାବେ ଗ୍ରହଣ କରିଛନ୍ତି । ନଭେମ୍ବର ୪ ତାରିଖରେ ସେଠାରେ ଜାତୀୟ ଯୋଗ ଦିବସ ଘୋଷଣା କରାଯିବା ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆୟୁର୍ବେଦ ଓ ପାରମ୍ପରିକ ଔଷଧ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଉଭୟ ପକ୍ଷ ଆଲୋଚନା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅନ୍ୟ ପକ୍ଷରେ ଚିଲି ରାଷ୍ଟ୍ରପତି ଶ୍ରୀ ଫଣ୍ଟ କହିଛନ୍ତି, ସ୍ୱାସ୍ଥ୍ୟ, ସ୍ଥାୟୀ ପ୍ରଯୁକ୍ତି ଏବଂ ଉଦ୍ଭାବନ କ୍ଷେତ୍ର ପାଇଁ ଉଭୟ ପକ୍ଷ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି । ବିଭିନ୍ନ ପ୍ରସଙ୍ଗରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଭାରତର ଶକ୍ତିଶାଳୀ ଅଡିଓ ଭିଜୁଆଲ୍ ଶିଳ୍ପକୁ ଚିଲିରେ ପହଞ୍ଚାଇବା ପାଇଁ ଉଭୟପକ୍ଷ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ ଏହି ଅବସରରେ ସୂଚନା ଦେଇଛନ୍ତି ।

ରାଜଘାଟ ସ୍ଥିତ ମହାତ୍ମା ଗାନ୍ଧିଙ୍କ ସମାଧି ସ୍ଥଳରେ ଆଜି ରାଷ୍ଟ୍ରପତି ଶ୍ରୀ ଫଣ୍ଟ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ସନ୍ଧ୍ୟାରେ ଚିଲି ରାଷ୍ଟ୍ରପତି ଶ୍ରୀ ଫଣ୍ଟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନା ଯୋଗ୍ୟ ୫ ଦିନିଆ ଭାରତ ଗସ୍ତରେ ଆସି ରାଷ୍ଟ୍ରପତି ଶ୍ରୀ ଫଣ୍ଟ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ

ଶ୍ରୀ ଫର୍ଷ୍ଟଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ଫର୍ଷ୍ଟ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଲ୍ଏସ୍-ଫିସର୍‌ମ୍ୟାନ୍

ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ ଓରଫ୍ ଲଲନ ସିଂହ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ସରକାର କୃଷକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶରେ ମାଛ ଉତ୍ପାଦନ ବୃଦ୍ଧି ପାଇବା ସହ ଏହି ପଦକ୍ଷେପ ମତ୍ସ୍ୟଜୀବୀଙ୍କ ଆୟରେ ଉନ୍ନତି ଆଣିପାରିଛି । ଲୋକସଭାରେ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ପରିସ୍ଥିତି ଉପରେ ଏକ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଲୋଚନାର ଉତ୍ତରରେ ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ଏହି ଅବସରରେ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧି ଲକ୍ଷ୍ୟ ନେଇ ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ସ୍ୱତନ୍ତ୍ର ମତ୍ସ୍ୟ ବିଭାଗ ଗଠନ କରାଯାଇଛି ।

ଦେଶରେ ସବୁଜ ବିପ୍ଲବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମତ୍ସ୍ୟ କ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ସେ

କହିଛନ୍ତି । ଏ କ୍ଷେତ୍ରରେ ଭିତ୍ତିଭୂମିକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ମତ୍ସ୍ୟ ଓ ଜଳଚାଷ ଭିତ୍ତିଭୂମି ବିକାଶ ପାଣ୍ଠି ଗଠନ କରିଛନ୍ତି । ୨୦୧୩-୧୪ରେ ମାଛ ଉତ୍ପାଦନ ୯୫ ଲକ୍ଷ ଟନ୍ ଥିବା ବେଳେ ଏବେ ଏହା ୧୮୪ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ୱେବସ୍-ସିଆଇସି

ବିଶ୍ୱ ଅଡିଓ ଭିଜ୍ୱାଲ୍ ମନୋରଂଜନ ସମ୍ମିଳନୀ – ୱେବସ୍ ଅଧୀନରେ ଭାରତରେ ପ୍ରସ୍ତୁତ ପ୍ରତିଯୋଗିତା ବର୍ଗରେ ପଞ୍ଜିକରଣ ୮୫ ହଜାର ଅତିକ୍ରମ କରିଛି । ଏଥିରେ ୧୧ ଶହ ଆନ୍ତର୍ଜାତିକ ଅଂଶଗ୍ରହଣକାରୀ ଅନ୍ତର୍ଭୁକ୍ତ । ଏ କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ କହିଛି, ୩୨ଟି ବିଭିନ୍ନ ବର୍ଗରେ ୭୫୦ରୁ ଅଧିକ ପ୍ରତିଯୋଗି ଫାଇନାଲ୍ ପର୍ଯ୍ୟାୟକୁ ମନୋନୀତ ହୋଇଛନ୍ତି । ନିଜ ନିଜ କ୍ଷେତ୍ରରେ ବ୍ୟବସାୟ ଗୋଷ୍ଠୀଙ୍କ ସହ ନେଟ୍‌ୱାର୍କିଂ ସୁଯୋଗ ସେମାନଙ୍କୁ ମିଳିବା ସହ ଆଲୋଚନା ବୈଠକ ସମ୍ମିଳନୀ ମାଧ୍ୟମରେ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଠାରୁ ଶିକ୍ଷା ଗ୍ରହଣ କରିବାର ସୁଯୋଗ ହାସଲ କରିବେ ।

ଏହି ବର୍ଗର ବିଜେତାଙ୍କ ୱେବସ୍ କ୍ରିଏଟର୍ ଆୱାର୍ଡ୍ ସମ୍ମାନରେ ସମ୍ମାନିତ କରାଯିବ ।

ସୂଚନା ଯୋଗ୍ୟ ଆସନ୍ତାମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ୱେବସ୍ ସମ୍ମିଳନୀର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି ।

## ଉତ୍କଳ ଦିବସ

ଭାରତରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା । ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ଗଠନରେ ବରପୁତ୍ରଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି । ଓଡ଼ିଶା ପ୍ରଦେଶ ଗଠନର ୯୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସତ୍ୟଭାମାପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ଏକ ସମୃଦ୍ଧ ଓଡ଼ିଶା ଗଠନ ସହିତ ପ୍ରଦେଶ ଗଠନ ପାଇଁ ଅବଦାନ ପ୍ରଦାନ କରିଥିବା ବରପୁତ୍ରଙ୍କ ସ୍ୱପ୍ନକୁ ସାକାର କରିବାକୁ ରାଜ୍ୟବାସୀ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି । ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି ସତ୍ୟଭାମାପୁରକୁ ଓଡ଼ିଆ ଜାତୀୟତା ଭାବର

ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଏଥିପାଇଁ ୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ରାଜ୍ୟରେ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ହାସଲ କରିଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାର ଭିତ୍ତିଭୂମି ତିନୋଟି ଆଧାର ଉପରେ ପର୍ଯ୍ୟବେଶିତ । ସେଗୁଡ଼ିକ ହେଉଛି, ଅସ୍ମିତା, ଉଚ୍ଚ ଆଶା ଏବଂ ଅବିଶ୍ରାନ୍ତ ଉଦ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତାକୁ ପଠନ କରାଯାଇଥିଲା । କୃତି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପୁରସ୍କୃତ କରିଥିଲେ ।

## ଭାରତ-ଜାପାନ ସ୍ପେସ୍ ଟକ୍

ଭାରତ-ଜାପାନ ତୃତୀୟ ମହାକାଶ କ୍ଷେତ୍ର ସମ୍ପର୍କିତ ଆଲୋଚନା ଆଜି ଟୋକିଓ ଠାରେ ଅନୁଷ୍ଠିତ ହୋଇଛି । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଭୟ ପକ୍ଷର ଅଂଶିଦାରମାନେ ଏକାଠି ହୋଇ ମହାକାଶ ନୀତି ଏବଂ

ଆନୁସଙ୍ଗୀକ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି । ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋର ବୈଜ୍ଞାନିକ ଏମ୍. ଗଣେଶ ପିଲ୍ଲାଇ ଭାରତୀୟ ଦଳର ନେତୃତ୍ୱ ନେଉଥିବା ବେଳେ ଜାପାନ୍ ପକ୍ଷରୁ ନିରସ୍ତ୍ରୀକରଣ ଓ ଆନ୍ତର୍ଜାତିକ ସୁରକ୍ଷା ବ୍ୟାପାର ବିଭାଗର ଯୁଗ୍ମ ସଚିବ ମୁଆନ୍‌ପୁଇ ସାଇଭିଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜାତୀୟ ମହାକାଶ କାର୍ଯ୍ୟକ୍ରମ, ଦ୍ୱିପାକ୍ଷିକ ସହଯୋଗ, ମହାକାଶ ନିରାପତ୍ତା, କ୍ୱାଡ୍ ସଦସ୍ୟ ଗୋଷ୍ଠୀ ରାଷ୍ଟ୍ରଙ୍କ ମଧ୍ୟରେ ମହାକାଶ ସହଯୋଗ, ଶିଳ୍ପ କ୍ଷେତ୍ର ଏବଂ ବାଣିଜ୍ୟିକ ସହଯୋଗ ନେଇ ଉଭୟପକ୍ଷ ମଧ୍ୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ମିୟାଁମାର୍-କ୍ୱେକ୍ ଟୋଲ୍

ମିୟାଁମାର୍‌ରେ ଗତ ସପ୍ତାହରେ ଘଟିଥିବା ଭୟଙ୍କର ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨ ହଜାର ୭୦୦କୁ ଅତିକ୍ରମ କରିଛି । ମିୟାଁମାର୍‌ର ସାମରିକ ନେତା ମିନ୍ ଅଙ୍ଗ୍ ହ୍ଲାଇନ୍‌ଙ୍ଗ ଆଜି ଏକ ଟେଲିଭିଜନ୍ ସାକ୍ଷାତ୍‌କାରରେ କହିଛନ୍ତି, ଶକ୍ତିଶାଳୀ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨ହଜାର ୭୧୯ରେ ପହଞ୍ଚିଥିବା ବେଳେ ଏହା ୩ ହଜାରରୁ ଅଧିକ ହେବାର ଆଶଙ୍କା କରାଯାଉଛି ।  ସେ କହିଛନ୍ତି, ୪ ହଜାର ୫୨୧ ଜଣ ଲୋକ ଏଥିରେ ଆହତ ହୋଇଥିବା ବେଳେ ୪୪୧ ଜଣ ନିଖୋଜ ଅଛନ୍ତି । ଗତ ଶୁକ୍ରବାର

ଦିନ ଦେଶର ମାଣ୍ଡାଲେ ଅଞ୍ଚଳରେ ୭ ଦଶମିକ୍ ୭ ତୀବ୍ରତାର ଏକ ଭୂମିକମ୍ପ ପରେ ୬ ଦଶମିକ୍ ୪ ତୀବ୍ରତାର ଆଉ ଏକ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ଯାହାଫଳରେ ଏକାଧିକ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏ ନେଇ ମିଳିତ ଜାତିସଂଘର କାର୍ଯ୍ୟାଳୟ କହିଛି, ମିୟାଁମାର୍ ଭୂମିକମ୍ପ ମୃତ୍ୟୁରେ ୫୦ ଜଣ ଶିଶୁ ଏବଂ ଦୁଇ ଜଣ ଶିକ୍ଷକ ପ୍ରାଣ ହରାଇଛନ୍ତି ।

ଅପର ପକ୍ଷରେ ମିୟାଁମାର୍‌ରେ ଉଦ୍ଧାର କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି । ଅପରେସନ୍ ବ୍ରହ୍ମା ଅଧୀନରେ ଭାରତ ପକ୍ଷରୁ ମାର୍ଚ୍ଚ ୨୯ରୁ ମିୟାଁମାର୍ ଏବଂ ଏହାର ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଜରୁରୀକାଳୀନ ସହାୟତା ସହିତ ଉଦ୍ଧାର କାର୍ଯ୍ୟ, ଡାକ୍ତରୀ ଦଳ, ଖାଦ୍ୟ, ପାନୀୟ ଜଳ, ତମ୍ବୁ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ସମେତ ରିଲିଫ୍ ସାମଗ୍ରୀର ବଣ୍ଟନକୁ ତ୍ୱରାନ୍ୱିତ କରାଯାଇଛି । ଭାରତୀୟ ନୌସେନାର ଏକାଧିକ ଜାହାଜ ସହିତ ୟାଙ୍ଗୁନ୍‌କୁ ସହାୟତା ପ୍ରଦାନ କରାଯାଇଛି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଅପରେସନ୍ ବ୍ରହ୍ମା ଅଧୀନରେ ଭାରତୀୟ ବାୟୁସେନାର ସି-୧୩୦ଜେ ବିମାନ ଆଜି ସକାଳେ ଦିଲ୍ଲୀରୁ ମାଣ୍ଡାଲେ ଅଭିମୁଖେ ଯାତ୍ରା କରିଛି । ଏଥିରେ ୧୬ଟନ୍ ଅତ୍ୟାବଶ୍ୟକୀୟ ସାମଗ୍ରୀ ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି ।